SAMBAD

ସମ୍ବାଦ

ବାର୍ଷିକ ବିଶେଷାଙ୍କ ୨୦୨୨

ପଟ୍ଟଚିତ୍ର ଶୈଳୀ

ନାଟ୍ୟକାର ଯଦୁମଣି କାନୁନ୍‌ଗୋ: ଏକ ଆକଳନ

ଗୋବିନ୍ଦ ଭୂୟାଁ

କବି ଓ ନାଟ୍ୟକାର ଭାବରେ ଯଦୁମଣି କାନୁନ୍‌ଗୋ ଓଡ଼ିଶାରେ ସୁବିଦିତ। ଜଣେ ସଫଳ ନାଟ୍ୟାଭିନେତା ଓ ନାଟ୍ୟ ନିର୍ଦ୍ଦେଶକ ଭାବରେ ଓଡ଼ିଆ ଯାତ୍ରା ଜଗତରେ ତାଙ୍କ ସିଦ୍ଧିର ସ୍ୱାକ୍ଷର ବ୍ୟାପ୍ତ। ସଙ୍ଗୀତ ବିଦ୍ୟାରେ ସେ ଧୁରୀଣ ଥିଲେ।

୧୯୧୬ ମସିହା ଏପ୍ରିଲ୍ ୧୯ରେ କଟକ ଜିଲ୍ଲାର ନଗସପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚାରିଅକବା ଗ୍ରାମରେ ଏକ ଅଭିଜାତ ପରିବାରରେ ଯଦୁମଣିଙ୍କର ଜନ୍ମ। ପିତା ଚିନ୍ତାମଣି କାନୁନ୍‌ଗୋ ଓ ମା' କୁନି ଦେଈ। ଆନୁଷ୍ଠାନିକ ଶିକ୍ଷା ଯଦୁମଣିଙ୍କର ମାଟ୍ରିକ୍ ଭିତରେ ସୀମିତ ଥିଲା। ସେ ଅବିବାହିତ ଥିଲେ। ବ୍ୟକ୍ତିଗତ ସୁଖ ଓ ସମ୍ଭୋଗର ପୂର୍ତ୍ତି ସେ କଳା ଭିତରୁ ହିଁ ଖୋଜି ତୃପ୍ତ ହେଉଥିଲେ। ଜୀବନର ସକଳ ଆକାଂକ୍ଷା ଓ ଆସ୍ପୃହାକୁ ସେ ସାହିତ୍ୟ ଓ ସଂସ୍କୃତିର ପୂଜାରେ ସମର୍ପି ଦେଇଥିଲେ। ସାଧନା ଓ ସୃଷ୍ଟି ଭିତରେ ନିମଜ୍ଜିତ ଥାଇ ୭୬ ବର୍ଷ ବୟସରେ ୧୯୯୨ ମସିହା ଜୁଲାଇ ୭ରେ ଯଦୁମଣି ଇହଧାମରୁ ବିଦାୟ ନେଇଥିଲେ। ହେଲେ ସରଳ, ନିରାଡମ୍ବର, ମିଷ୍ଟଭାଷୀ ଓ ବନ୍ଧୁବତ୍ସଳ ଯଦୁମଣିଙ୍କର କଳା ଓ କୃତି କାଳର କକ୍ଷଟିରେ କାଳ କାଳ ଧରି ଆୟୁଷ୍ମାନ ହୋଇ ରହିଥିବ।

(୧)

ନାଟ୍ୟକାର ଭାବରେ ସାଧାରଣରେ ଖ୍ୟାତ ଯଦୁମଣିଙ୍କର ସଫଳତା କବିତା କ୍ଷେତ୍ରରେ ସୁବିସ୍ତୃତ। ନିଷ୍ପକ୍ଷ ଦୃଷ୍ଟି ତୋଳି ଅଧ୍ୟୟନ କଲେ କବିତାଗୁଡ଼ିକରେ ଯଦୁମଣିଙ୍କର ସାରସ୍ୱତ ମୁଦ୍ରାଙ୍କ ଅଧିକ ପ୍ରାଞ୍ଜଳ ଓ ପ୍ରାଣବନ୍ତ। ତାଙ୍କର ଆଦ୍ୟ ସାରସ୍ୱତ ସ୍ଫୁରଣ ହେଉଚି କବିତା। ସ୍ୱଭାବରେ ସେ କବି; ଜନକବି। ତାଙ୍କ ସାରସ୍ୱତ ପ୍ରାଣୋଚ୍ଛ୍ୱାସର ମୂର୍ତ୍ତିମନ୍ତ ପ୍ରତିଲିପି ତାଙ୍କ ରଚିତ କବିତାଗୁଡ଼ିକରେ ନିଖୁଣ ଭାବରେ ଅନୁରଣିତ ହୋଇଚି। ପରାଧୀନ ଭାରତରେ ଜନ୍ମ ନେଇଥିବା ଯଦୁମଣିଙ୍କ ଯୁବପ୍ରାଣକୁ ବିଦେଶୀ ଶାସନର କଷଣ ଓ ଶୋଷଣ ଆଲୋଡ଼ିତ କରିଚି। ଜାତୀୟତାବୋଧରେ କବିପ୍ରାଣ ଉଦ୍‌ବୁଦ୍ଧ ହୋଇଚି। ଜାଗରଣର ବେଦମନ୍ତ୍ର ଫୁଟିଚି କବିତା ପଙ୍‌କ୍ତିରେ। ମାଟି ମା'କୁ ପରାଧୀନତାର ଶୃଙ୍ଖଳରୁ ମୁକ୍ତି ଦେବାକୁ ତାଙ୍କ ଲେଖନୀରେ ସନ୍ଦେଶ ଓ ସଂକଳ୍ପ ପ୍ରକାଶ ପାଇଚି। ମହାତ୍ମା ଗାନ୍ଧୀଙ୍କର ଡାକରା ତାଙ୍କ ମନ ଓ ପ୍ରାଣରେ ଉଷ୍ମା ଭରି ଦେଇଚି। ଜାତୀୟ ଯୁଦ୍ଧରେ କବି ଯଦୁମଣି ବିଜୟର ଶୁଭଶଙ୍ଖ ବଜେଇଛନ୍ତି। କବି ଭାରତର ଜନଗଣଙ୍କୁ ମନେପକେଇ ଦେଇଛନ୍ତି ଧର୍ମଯୁଦ୍ଧର କଥା, ମହାଭାରତର ମହାସମରର ଗାଥା। ତାଙ୍କ ସ୍ୱରରେ ଆହ୍ୱାନ-

'କାହିଁ ଅଛ ମହାରଥୀ ହେ କର୍ଣ୍ଣ
ଧର ଶରାସନ ହେ ଭୀଷ୍ମ ଦ୍ରୋଣ,
ଛାଡ଼ କାଇଁଶିକା ଶର ଅଶ୍ୱତ୍‌ଥମା
ଥରି ଉଠୁ ଅରି ବିଲୋକି ନେତ୍ରେ।
ପାଶୁପତ ଶର ଗାଣ୍ଡିବ ଧନୁ
ଧର ଅରଜୁନ ବାସବସୁନୁ
ଭେଦ ଚକ୍ରବ୍ୟୂହ ଜାଗ ଅଭିମନ୍ୟୁ
ସରଗୁ ଓହ୍ଲାଇ ଆସ ମରତେ।'

(ଭେରୀ ଡାକ: ଜୟ ଶଙ୍ଖ)

ଯଦୁମଣିଙ୍କର ପ୍ରଥମ କବିତା ପୁସ୍ତକ ହେଉଚି 'ଜୟଶଙ୍ଖ'। ଏହା ଦୁଇ ଖଣ୍ଡରେ ପ୍ରକାଶିତ ଓ ଏହାର ପ୍ରଥମ ଖଣ୍ଡ ୧୯୪୬ ମସିହାରେ ପ୍ରକାଶ ପାଇଥିଲା। ଏଥିରେ ୨୩ ଗୋଟି କବିତା ସଂଯୋଜିତ। କବିତା ପୁସ୍ତକଟିରେ ଜାତୀୟକବି ବୀରକିଶୋର ଦାସ ଓ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଅଭିମତ ପ୍ରକାଶ କରି ଯଦୁମଣିଙ୍କର କବି ପ୍ରତିଭାକୁ ଉଚ୍ଚ ପ୍ରଶଂସା କରିଛନ୍ତି। କାଳୀବାବୁ 'ଯଦୁମଣିଙ୍କର ତରୁଣ ପ୍ରାଣର ଜୀବନ୍ତ ଡାକ ଶଙ୍ଖ ଭିତରେ ବାଜିଛି' ବୋଲି ଉଲ୍ଲେଖ କରିଛନ୍ତି। ଯଦୁମଣିଙ୍କର ଜୟଶଙ୍ଖର ପ୍ରତ୍ୟେକଟି କବିତାରେ ଜାଗୃତିର ସ୍ପନ୍ଦନ ଅନୁରଣିତ ହୋଇଚି। ଜାତୀୟତାବୋଧରେ ଏଗୁଡ଼ିକ ସିକ୍ତ ଓ ସ୍ନିଗ୍ଧ। କବିତାଗୁଡ଼ିକରେ ସଂଗ୍ରାମ ପାଇଁ ଆହ୍ୱାନ ଓ ସଫଳତା ପାଇଁ ପ୍ରତ୍ୟୟ ଖୁନ୍ଦି ହୋଇଚି। 'କଙ୍କାଳ' କବିତାରେ ଅତି ମର୍ମସ୍ପର୍ଶୀ ଭାଷାରେ ସେ ଲେଖିଛନ୍ତି-

'ମୁହଁ ଉପରୁ ବିଷାଦ ଛାଇ
ଆପେ ଯିବରେ ଆଡ଼େଇ ହୋଇ
ସତ୍ୟ ପରଶେ ଯିବ ଉଭେଇ ଖଳର ଝୁଟ୍‌ମୁଟ୍
ତୁ ଉଠ୍ ଉଠ୍ ଉଠ୍।
ସେ ବାଣ ଗଢ଼ିଛି ଗାନ୍ଧୀ ଭାଇ
ସରଗ ସୁଧା ପରଖି ଦେଇ
ହିଂସାନାଶି ବ୍ରହ୍ମଶରେ ବଇରୀ ପରାଣ ଲୁଟ୍
ତୁ ଉଠ୍ ଉଠ୍ ଉଠ୍।'

ପରାଧୀନତାର କ୍ଲେଶ ଅଚିରେ ଦୂରେଇଯିବ ବୋଲି କବି ଦୃଢ଼ ଆଶାବାଦୀ। ତାଙ୍କ ଆଶା ଅଧିକ ପ୍ରତିଭାତ ହୋଇଚି 'ତ୍ରିରଙ୍ଗ-ପତାକା' କବିତା ପଙ୍‌କ୍ତିରେ-

'ଗହୀର ବିଲରୁ ହଳିଆ ଭାଇରେ ପୂରୁବ ଦିଗକୁ ଅନା
ମୁକତି ସିନ୍ଦୂରା ଫୁଟି ଉଠିଲାଣି ଧରି ତିନି ରଙ୍ଗ ବାନା'

ଜାତିପ୍ରାଣ ଯଦୁମଣି 'ଭାରତ ଛାଡ଼' କବିତାରେ ଇଂରେଜମାନଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି-

'ଛାଡ଼ ଆମ ମୁଲକ
ତମେ କାଳକ ଯାକ କି ହୋଇଥିବ ମାଲିକ।
ତମେ ସେପାରିରୁ ଆସିଥିଲ ବେପାରି ହୋଇ
ତମ ସଉଦା ସାରି ବାଟେ ବାଟେ ଫେରି ନ ଯାଇ
କହ କିଆଁ ପଶିଲ ? ଆମ ଘରେ ସିଧା ସଳଖି!'

ଇଂରେଜମାନଙ୍କର ଚକ୍ରାନ୍ତ ଓ କେତେକ ଧର୍ମାନ୍ଧ ଭାରତୀୟଙ୍କର ଅଜ୍ଞତା ଓ ସଂକୀର୍ଣ୍ଣତା ହେତୁ ଦେଶ ଯେତେବେଳେ ଭାରତ ଓ ପାକିସ୍ତାନ ଦୁଇ ଭାଗ ହେବାକୁ ଯାଉଚି, ଦେଶପ୍ରାଣ ଯଦୁମଣି ଅତିମାତ୍ରାରେ ଭାଙ୍ଗି ପଡ଼ିଛନ୍ତି। ଦେଶ ବିଭାଜନକୁ କବି ଗ୍ରହଣ କରିପାରିନାହାନ୍ତି-

ସଲାମ!
ସଲାମ ନିଅ ମୋ ଇସଲାମି ଭାଇ
ପଦେ କହିବି ବୁଝାଇ,
ତୁ ପାକସ୍ତାନ ପାଇଁ ହେଉଛୁ ବାଇ
ଖାଲି କାଉଁରୀ ପଦଟି ସେହି,
ପୁଙ୍ଖିଛି ସେପାରି ଗୁଣି (ପାକିସ୍ତାନ ?)

କବି ଯଦୁମଣି ମହାଭାରତୀୟ ପ୍ରୀତିର ମହାସମୁଦ୍ର ଭିତରେ ଉତ୍କଳୀୟ ସ୍ରୋତସ୍ୱିନୀର ସ୍ୱତନ୍ତ୍ରତାରେ ଆତ୍ମସ୍ଥୀତ ହୋଇଛନ୍ତି; ଉତ୍କଳର ଶ୍ରୀମଣ୍ଡିତ ଅତୀତ ଏବଂ ବୀରପୁରୁଷ ଓ ବୀରାନାରୀମାନଙ୍କର ଗୌରବ-ଗରିମା ତାଙ୍କୁ ଉଦ୍‌ବୁଦ୍ଧ କରିଚି। ପୂଜ୍ୟପୂଜାରେ ଶତମୁଖ ହୋଇ ସେ ତାଙ୍କ କବିତାରେ ବିଗତର ବନ୍ଦାପନା କରିଛନ୍ତି। ଧର୍ମପଦର ସାହସିକତା ଓ ଜାତିପ୍ରୀତି, ବାଜିରାଉତଙ୍କ ଦେଶପ୍ରେମ, ଗୋପବନ୍ଧୁଙ୍କର ଜନସେବା, ଖାରବେଳଙ୍କର ବୀରତ୍ୱ, ପଠାଣିସାମନ୍ତଙ୍କର ପ୍ରଜ୍ଞା, ଜୟଦେବ ଆଦିଙ୍କର କାବ୍ୟକୀର୍ତ୍ତି, ସାଧବପୁଅର ବାଣିଜ୍ୟ ବିଭବ ଇତ୍ୟାଦି କଥା ସେ ଆମକୁ ସ୍ମରଣ କରେଇ ଦେଇଛନ୍ତି ତାଙ୍କ 'ସିଂହ ଶାବକ' କବିତାରେ। ସିଂହ ଶାବକ ଶୀର୍ଷକଟି ଓଡ଼ିଶାର ବୀରତ୍ୱ, କୀର୍ତ୍ତି ଓ ସ୍ୱାଭିମାନର ପ୍ରତୀକ ଭାବରେ ଉଭା ହୋଇଚି।

'ଭୁଲି କି ଗଲୁ ଓଡ଼ିଆ!
ତୁ ପରା ସିଂହ ଶାବକ,
ଟାହି ଟାକର ମାଇଲେ ତୋତେ
ଶଶା, ମୃଷା, ଭେକ।'

ସ୍ୱାଧୀନତା ଆସୁଚି ବୋଲି ସୁଖରେ ଆତ୍ମବିଭୋର ହେଉଥିବା ଦେଶଭକ୍ତ କବି ଯଦୁମଣି ରାଜନୀତିକ ସ୍ୱାଧୀନତା ପ୍ରାପ୍ତିପରେ ଭାରତୀୟ ଜନଜୀବନରେ ତାଙ୍କ ସ୍ୱପ୍ନର ଫଳଶ୍ରୁତି ବା ଈପ୍ସିତ ଉପଲବ୍ଧିଗୁଡ଼ିକ ଦେଖି ନ ପାରି ଖୁବ୍ ବ୍ୟଥିତ ହୋଇଛନ୍ତି। ଇଂରେଜମାନେ ଭାରତ ଛାଡ଼ିଛନ୍ତି ହେଲେ ସେ ଦିନର ସେହି ହିଂସା, ଦ୍ୱେଷ, କପଟାଚାର, ସ୍ୱାର୍ଥପରତା, ନିଷ୍ଠୁରତା ଆଦି ଆଜି ସୁଦ୍ଧା ଅପସରି ନାହିଁ ବୋଲି କବି କଣ୍ଠରେ କ୍ଷୋଭ ପ୍ରକାଶ ପାଇଚି। ସ୍ୱାଧୀନତା ପ୍ରାପ୍ତିର ୨୨ ବର୍ଷ ପରେ ରଚିତ ତାଙ୍କ 'ମହାମାନବ ଚମ୍ପୂ'ରେ ସେ ଲେଖିଛନ୍ତି-

'ଝଡ଼ିଛି ସିନା ବନ୍ଦୀ-ଶିକୁଳି
ଝଡ଼ିନି ଅବଧି ଚିତ୍ତରୁ ମଳି'

କବି ଖୋଜୁଛନ୍ତି ଭାରତୀୟ ଜନତାଙ୍କର ଆତ୍ମିକ ସୁଖ ଓ ସମୃଦ୍ଧି। ସେ ଖୋଜୁଛନ୍ତି ମୈତ୍ରୀ ଓ ସଂପ୍ରୀତି ; ଅତୁଟ ଭ୍ରାତୃତ୍ୱ। ମହାମାନବ ଚମ୍ପୂ ହେଉଚି ଯଦୁମଣିଙ୍କର ବଳିଷ୍ଠ ସାରସ୍ୱତ ପ୍ରତିଭାର ଉଜ୍ଜ୍ୱଳ ଦୃଷ୍ଟାନ୍ତ। ଭାରତୀୟ ସାହିତ୍ୟରେ ଚମ୍ପୂ ଏକ ପ୍ରାଚୀନ ଓ ସମୃଦ୍ଧ କାବ୍ୟ ପରମ୍ପରା। ଏହାର ଗଢ଼ଣ-ଶିଳ୍ପ ସ୍ୱତନ୍ତ୍ର ଓ ମନୋହର। ଓଡ଼ିଆ ସାହିତ୍ୟରେ କବିସୂର୍ଯ୍ୟ ବଳଦେବଙ୍କ ରଚିତ 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ' ଅତ୍ୟନ୍ତ ଲୋକପ୍ରିୟ ଓ ଉଚ୍ଚକୋଟୀର କାବ୍ୟ। ସେହି ରୀତିରେ 'କ' ଠୁଁ 'କ୍ଷ' ଅକ୍ଷରକ୍ରମରେ ଯଦୁମଣିଙ୍କ ଚମ୍ପୂ କାବ୍ୟଟି ରଚିତ। ଏଥିରେ ଉଚ୍ଚାଙ୍ଗ ବିଷୟବସ୍ତୁ, ଲଳିତ ସାରସ୍ୱତ-ଦୀପ୍ତି ଓ ମଧୁର ସାଙ୍ଗୀତିକତାର ସ୍ନିଗ୍ଧ ସମବାୟ ସାଧିତ ହୋଇଚି। କବି ବଳଦେବ ତାଙ୍କ ଚମ୍ପୂରେ କିଶୋରଚନ୍ଦ୍ର ଶ୍ରୀକୃଷ୍ଣ ଓ ପରମରସିକା ଶ୍ରୀରାଧାଙ୍କର ପ୍ରେମଲୀଳାର ସରସ ଆଖ୍ୟାନମାନ ବର୍ଣ୍ଣନା କରିଥିବାବେଳେ ଯଦୁମଣି ତାଙ୍କ ଚମ୍ପୂ କାବ୍ୟକୁ ମହାମାନବ ମହାତ୍ମା ଗାନ୍ଧୀଙ୍କର ମହନୀୟତାରେ ମଣ୍ଡିତ କରିଛନ୍ତି। ଏଥିରେ ସତ୍ୟ, ଶାନ୍ତି, ସେବା ଓ ସଂଗ୍ରାମର ଜୟଗାନ କରାଯାଇଚି ; ମାନବବାଦର ପରାକାଷ୍ଠା ପ୍ରତିପାଦିତ ହୋଇଚି। ଶ୍ରୀକୃଷ୍ଣଙ୍କ ବଂଶୀରେ ଖୋଳ ସହସ୍ର ଗୋପାଙ୍ଗନା ଉଚ୍ଚାଟ ହେବାପରି, ଗାନ୍ଧିଜୀଙ୍କ ଦେଶପ୍ରେମର ମନ୍ତ୍ର-ଧ୍ୱନିରେ ସହସ୍ର ସହସ୍ର ଯୁବ ଭାରତୀୟ ବ୍ୟକ୍ତିସ୍ୱାର୍ଥକୁ ଜଳାଞ୍ଜଳି ଦେଇ ବାପୁଜୀଙ୍କ ସହିତ ସ୍ୱାଧୀନତା ସଂଗ୍ରାମ ବହ୍ନିରେ ଝାସ ଦେଇଛନ୍ତି। 'କ' ଗୀତରେ କବି ଲେଖିଛନ୍ତି-

'କି ମନ୍ତ୍ର ଫୁଙ୍କିଲ ଗୁଣି। 'କର ଅବା ମର ଧ୍ୱନି'
କୋଟି କଣ୍ଠେ ହେଲା ଭାରତୀ ହେ'

କବି ଗାନ୍ଧିଜୀଙ୍କର ଗୁଣଗାନରେ ମୁଖର ହୋଇ ପଡ଼ିଛନ୍ତି-

- ଗରିବର ଗଣ୍ଠିଧନ ହେ ବାପୁଜୀ ('ଗ' ଗୀତ)
- ନବୀନ ସନ୍ନ୍ୟାସୀ ହେ। ନବ ମନ୍ତ୍ର ବିନ୍ୟାସୀ ('ନ' ଗୀତ)
- ତପି ଶିରୋମଣି ନର ଦେହଧାରୀ ଦେବତା ହେ ('ତ' ଗୀତ)
- ଯୋଗୀବର ହେ। ଯୁଗଜ୍ୟୋତି ଜନ ମନୋହର ହେ ('ଯ' ଗୀତ)

ଏହି ଚମ୍ପୂ କାବ୍ୟର ଆରମ୍ଭରେ କବି ପାଞ୍ଚଟି ପଦ୍ୟ-ଧାଡ଼ି ଲେଖି 'ବନ୍ଦନା' ଶିରୋନାମ ଦେଇଛନ୍ତି। ଏହି ପାଞ୍ଚ ଧାଡ଼ିର ଆଦ୍ୟ ଅକ୍ଷର କ୍ରମାନ୍ୱୟରେ 'ମହାମାନବ' ଓ ପ୍ରାନ୍ତ ଅକ୍ଷର କ୍ରମାନ୍ୱୟରେ 'ପଙ୍କଜପଦେ' ରହିଅଛି। କବି ମଙ୍ଗଳାଚରଣ କ୍ରମରେ 'ଶ୍ରୀ ଅହିଂସାବତାରାୟ ନମଃ' ଶୀର୍ଷକରେ ଗାନ୍ଧିଜୀଙ୍କୁ ଭଗବାନଙ୍କର ଅବତାର ରୂପରେ ବର୍ଣ୍ଣନା କରିଛନ୍ତି।

'ତୁମେ ଅନନ୍ତ ଯୁଗର ଗୁରୁ
ଭବଲୀଳା ଖେଳା କଳ୍ପତରୁ
ଯୁଗେ ଯୁଗେ ନବ ନବ ଅବତାର
କର ଅଭିଯାନ ସ୍ୱରଗରୁ ମୋହନ।'

ଏହି ମନୋହର ଐତିହାସିକ ଚମ୍ପୂ କାବ୍ୟଟି ୧୯୭୧ ମସିହା ପୂର୍ବରୁ ରଚିତ ହୋଇଥିଲା ଓ ପୁସ୍ତକର ଦ୍ୱିତୀୟ ପ୍ରକାଶନ ୧୯୯୧ ମସିହାରେ କରାଯାଇଛି। ଡକ୍ଟର ହରେକୃଷ୍ଣ ମହତାବ ଓ କବି ବୀରକିଶୋର ଦାସଙ୍କର ଅଭିମତ ଏଥିରେ ସଂଯୁକ୍ତ ହୋଇଛି। ଅଭିମତ ପୃଷ୍ଠାରେ ଡକ୍ଟର ମହତାବ ଲେଖିଛନ୍ତି 'ସାହିତ୍ୟ ମାଧ୍ୟମରେ ଲୋକମତ ଗଠନ କରିବାର ଶକ୍ତିର ପରିଚୟ ଯେପରି ଯଦୁମଣି ଦେଇଛନ୍ତି, ସେପରି ଅତି ଅଳ୍ପ ସାହିତ୍ୟିକ କରିପାରିଛନ୍ତି। xxx କେବଳ ସଙ୍ଗୀତ ଦୃଷ୍ଟିରୁ ନୁହେଁ, ସାହିତ୍ୟ ଦୃଷ୍ଟିରୁ ମଧ୍ୟ ମହାମାନବ ଚମ୍ପୂର ସ୍ଥାନ ଅତି ଉଚ୍ଚ। xxx ଏହି ସଙ୍ଗୀତଗୁଡ଼ିକ ସଭାସମିତିରେ ଓ ଆକାଶବାଣୀରେ ପ୍ରଚାରିତ ହେଲେ ବାସ୍ତବିକ ଗାନ୍ଧିଜୀଙ୍କ ନୀତି ଓ ସ୍ମୃତି ପ୍ରତି ସମ୍ମାନ ଓ ଆନୁଗତ୍ୟ ପ୍ରଦର୍ଶିତ ହେବ। ପ୍ରତ୍ୟେକ ସଙ୍ଗୀତର ଆରମ୍ଭରେ ଯେଉଁ ଦୁଇଟି ଧାଡ଼ି ଲେଖା ହୋଇଚି, ତାହା ପ୍ରତ୍ୟେକ ସ୍କୁଲ୍ ଓ କଲେଜରେ ଛାତ୍ରଛାତ୍ରୀମାନଙ୍କ ସ୍ମରଣ ପାଇଁ ଲେଖା ହୋଇ ରହିବା ଉଚିତ।'

ଯଦୁମଣି ଅନେକ ଗୀତିକବିତା ଓ ଖଣ୍ଡକବିତା ରଚନା କରିଛନ୍ତି। ତାଙ୍କ ଲିଖିତ ବହୁ କବିତା ପ୍ରକାଶ ପାଇପାରିନାହିଁ। ଏହି କବତାଗୁଡ଼ିକୁ ମୁଖ୍ୟତଃ (୧) ଆଧ୍ୟାତ୍ମିକ (୨) ଦେଶାତ୍ମବୋଧକ (୩) ପଲ୍ଲୀ କବିତା ଭାବରେ ବିଭାଗୀକରଣ କରାଯାଇପାରିବ। ଏତଦ୍‌ବ୍ୟତୀତ ତାଙ୍କ ରଚିତ ନାଟକରେ ସଂଯୋଜିତ କବିତାଗୁଡ଼ିକ ମନୋମୁଗ୍ଧକର ସାଙ୍ଗୀତିକତା, ମଧୁର ଭାଷା ବିନ୍ୟାସ ଓ ଉଚ୍ଚ ଭାବାଦର୍ଶରେ ଅଭିବ୍ୟଞ୍ଜିତ। ସେ ଅନେକ ସୁନ୍ଦର ଓ ପ୍ରଭାବଶାଳୀ ଶିଶୁ କବିତା ମଧ୍ୟ ରଚନା କରିଛନ୍ତି।

(୨)

ନାଟ୍ୟକାର ଭାବରେ ଯଦୁମଣି ସୁପ୍ରସିଦ୍ଧ। ତାଙ୍କ ଲିଖିତ ନାଟକଗୁଡ଼ିକ ଓଡ଼ିଶା, ପଶ୍ଚିମବଙ୍ଗ ଓ ବିହାର ଆଦି ରାଜ୍ୟର ପୁରପଲ୍ଲୀରେ ଅଭିନୀତ ହୋଇ ଅଜସ୍ର ଲୋକପ୍ରିୟତା ଅର୍ଜନ କରିଚି। ତାଙ୍କର ଅଧିକାଂଶ ନାଟକ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ରାଜନେତା ସୁରେନ୍ଦ୍ରନାଥ ପଟ୍ଟନାୟକଙ୍କ ପୃଷ୍ଠପୋଷକତାରେ ଗଠିତ ଓଡ଼ିଶାର ତତ୍କାଳୀନ ସର୍ବଜନାଦୃତ ନଗସପୁର ଯାତ୍ରାଦଳ (ଶାରଦା କଳାକୁଞ୍ଜ) ଦ୍ୱାରା ଅଭିନୀତ ହୋଇ ଯଦୁମଣିଙ୍କ ପାଇଁ ପ୍ରଚୁର ପ୍ରଶଂସା ଓ ଅଖଣ୍ଡ ଲୋକପ୍ରିୟତା ଆଣିଥିଲା। ସେ ପ୍ରଥମେ କବିତା ଓ ପରେ ନାଟକ ରଚନାରେ ବ୍ରତୀ ହୋଇଥିଲେ। ୧୯୫୪ ମସିହାରେ ସେ ତତ୍କାଳୀନ ପ୍ରସିଦ୍ଧ 'ଓଡ଼ିଶା ଥିଏଟର୍ସ'ରେ ଅଭିନେତା ଭାବରେ ଯୋଗ ଦେଇଥିଲେ। ନାଟ୍ୟକଳାର ସକଳ ବିଭାଗ ସହିତ ଘନିଷ୍ଠ ପରିଚିତି ଆସିବା ପରେ ତାଙ୍କ ସ୍ରଷ୍ଟାପ୍ରାଣ ନାଟକ ରଚନା ପ୍ରତି ଆକୃଷ୍ଟ ହୋଇଥିଲା। ମଞ୍ଚ-ସଂପୃକ୍ତି ଓ ଅଭିନୟର ଅନୁଭୂତି ତାଙ୍କ ରଚିତ ନାଟକଗୁଡ଼ିକୁ ଅଧିକ ସଫଳତା ଦେଇଛି। ସେ ଝାନ୍‌ସୀରାଣୀ, ବର୍ଗୀ ଉତ୍କଳ, ଧର୍ମ ବିପ୍ଳବ, କମଳକୁମାରୀ, ରକ୍ତଦୀପାଳି, ମୁକୁଟମାୟା, ଅଶୋକଚକ୍ର ଆଦି ଐତିହାସିକ, ବନମାଳଡି, କଙ୍କଣ ଦାସୀ, ଦାବି, ଜନସେବକ, ରାଜମୁକୁଟ ଆଦି କାଳ୍ପନିକ, ବିଷବୃକ୍ଷ, ଦୁଃଖୀ କଣାଇବି କାହାକୁ?, ମାଆ ମାଟି ମମତା, ସୈନିକ, ଶକୁନିର ଚକ୍ର, ଷଷ୍ଠ ଅବତାର, ରକ୍ତ ମନ୍ଦାର, ଅଯୋଧ୍ୟା ମଉନ, ବୀର ଅଭିମନ୍ୟୁ, ପତିତପାବନ ଆଦି ପୌରାଣିକ ନାଟକ ରଚନା କରିଛନ୍ତି। ଏତଦ୍‌ଭିନ୍ନ ତାଙ୍କ ରଚିତ କେତେ ଖଣ୍ଡ ନାଟକ ପାଣ୍ଡୁଲିପି ଅବସ୍ଥାରେ ଓଡ଼ିଶାର ବିଭିନ୍ନ ନାଟ୍ୟ ସଂସ୍ଥା ଦ୍ୱାରା ଅଭିନୀତ ହୋଇଚାଲିଚି। ତାଙ୍କ ଲିଖିତ ଆକାଶବାଣୀରେ ପ୍ରଚାରିତ ନାଟକଗୁଡ଼ିକ ଖୁବ୍ ଶିକ୍ଷଣୀୟ ଓ ଉଚ୍ଚକୋଟୀର।

ସର୍ବତ୍ର ତାଙ୍କ ନାଟକର ଅନ୍ତର୍ବାଣୀ ହେଉଛି ମାନବବାଦ। ଉଚ୍ଚାଦର୍ଶ ବା ମୂଲ୍ୟବୋଧ ପ୍ରତିଷ୍ଠାର ଲକ୍ଷ୍ୟ ଓ ଜାତୀୟପ୍ରେମର ସ୍ୱର ତାଙ୍କ ନାଟକଗୁଡ଼ିକରେ ଉତ୍ତୀର୍ଣ୍ଣ। ତାଙ୍କ ନାଟକ ବର୍ଣ୍ଣିତ ଚରିତ୍ର ମାଧ୍ୟମରେ ସେ ବ୍ୟକ୍ତି ଓ ସମାଜ ଜୀବନରେ ନୈତିକତା ପ୍ରତିଷ୍ଠା ସହିତ ଯାବତୀୟ ସାମାଜିକ କୁସଂସ୍କାର ଦୂରୀକରଣ ପାଇଁ ଶକ୍ତିଶାଳୀ ବାର୍ତ୍ତା ପ୍ରଦାନ କରିଛନ୍ତି। କବି ଯଦୁମଣି ନାଟକ ଓ କବିତା ବ୍ୟତୀତ କେତୋଟି ଗଳ୍ প ଓ ଉପନ୍ୟାସ ମଧ୍ୟ ରଚନା କରିଥିଲେ। ସ୍ୱାଧୀନତା ପରବର୍ତ୍ତୀ କାଳରେ ପ୍ରକାଶିତ ତାଙ୍କ 'ବାରିତଳ ରଇତ' ରଚନାଟି ବିଷୟବସ୍ତୁ ବିଚାରରେ ଏକ ଉଚ୍ଚମାନର ଉପନ୍ୟାସ।

(୩)

ପତ୍ରିକା ସଂପାଦନା କ୍ଷେତ୍ରରେ ଯଦୁମଣିଙ୍କ ସ୍ୱାକ୍ଷର ସ୍ପଷ୍ଟ ଓ ଗଭୀର। ନାଟ୍ୟକଳାର ସାଙ୍ଗଠନିକ ଚର୍ଚ୍ଚା ଓ ନାଟ୍ୟ ସାହିତ୍ୟର ତାତ୍ତ୍ୱିକ ଆଲୋଚନାଦିର ବିକାଶ ନିମନ୍ତେ ଉତ୍କଳ ଯାତ୍ରା ସଂସ୍କୃତିର ମୁଖପତ୍ର ଭାବରେ ତାଙ୍କ ସଂପାଦନାରେ ୧୯୮୧ ମସିହା ମାର୍ଚ୍ଚ ମାସରୁ 'ନଟବନ୍ଧୁ' ପତ୍ରିକା ପ୍ରକାଶ ପାଉଥିଲା। 'ଜାତିର ସଂସ୍କୃତି, ସାହିତ୍ୟ, ଇତିହାସ, ସଙ୍ଗୀତ ଓ ନୃତ୍ୟକଳାର ଜୟଗୀତି'ରେ ନଟବନ୍ଧୁ ମୁଖରିତ ବୋଲି ପତ୍ରିକାର ପ୍ରଥମ ସଂଖ୍ୟାର ସଂପାଦକୀୟରେ ଯଦୁମଣି ଉଦ୍‌ଘୋଷଣା ଶୁଣାଇଛନ୍ତି। ଓଡ଼ିଆ ଯାତ୍ରା ସାହିତ୍ୟର ଇତିହାସ ନିର୍ଣ୍ଣୟରେ ଉକ୍ତ ପତ୍ରିକାଗୁଡ଼ିକୁ ନିର୍ଭରଯୋଗ୍ୟ ଉପାଦାନ ଭାବରେ ଉପଯୋଗ କରାଯାଇପାରିବ। ତାଙ୍କ ପୁତୁରା ସାହିତ୍ୟ ଅନୁରାଗୀ ପ୍ରଫୁଲ୍ଲ କାନୁନ୍‌ଗୋ ଏହି ପତ୍ରିକାର ସଂପାଦନା ସହିତ ଜଡ଼ିତ ଥିଲେ।

ଆଜୀବନ ସାହିତ୍ୟ ଓ ସଂସ୍କୃତିର ନିରଳସ ପୂଜାରୀ ଯଦୁମଣି କାନୁନ୍‌ଗୋଙ୍କ କୃତି ଓ କୀର୍ତ୍ତିର ବାସ୍ତବରେ ଆଦୌ ମୂଲ୍ୟାୟନ ହୋଇନାହିଁ। ବହୁ ବିଳମ୍ବରେ ୧୯୯୧ ମସିହାରେ ସେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ସମ୍ମାନିତ ହୋଇଥିଲେ। ଦୀର୍ଘ ଅର୍ଦ୍ଧ ଶତାବ୍ଦୀରୁ ଉର୍ଦ୍ଧ୍ୱ କାଳ ଧରି ସେ ତାଙ୍କ ସର୍ଜନ-ସିନ୍ଧିର ଯେଉଁ ଉତ୍କ୍ରଳ ସ୍ୱାକ୍ଷରଗୁଡ଼ିକ ଛାଡ଼ି ଯାଇଛନ୍ତି, ତାହାର ଗବେଷଣା ଓ ସମୀକ୍ଷା କରାଗଲେ, ତାହା ଆମ ସାହିତ୍ୟ ଓ ନାଟ୍ୟ ଜଗତର ଅଶେଷ କଲ୍ୟାଣ ସାଧନ କରିପାରନ୍ତା। ଉପଯୁକ୍ତ ସମୀକ୍ଷା ବିନା ସୃଷ୍ଟିର ମହତ୍ତ୍ୱ ଓ ସ୍ରଷ୍ଟାର ଶ୍ରେଷ୍ଠତ୍ୱ କାହିଁ?

'ଶକୁନ୍ତଳା'
୫୧୬, ମହାନଦୀ ବିହାର, କଟକ
ମୋ: ୯୪୩୮୨୭୫୦୯୧